## ଘରେବସି ମୋବାଇଲ୍‌ରେ କୃଷିସମ୍ବନ୍ଧୀୟ ଜ୍ଞାନ ପାଆନ୍ତୁ

# କ୍ଲଷ୍ଟର ଡ଼େମୋନ୍‌ଷ୍ଟ୍ରେସନ କାର୍ଯ୍ୟକ୍ରମ

ସାଧାରଣତଃ ସୁନ୍ଦରଗଡ଼ ଜିଲ୍ଲାର ଚାଷୀମାନେ ଧାନ ଫସଲ ପରେ ସେମାନଙ୍କ ଜମିରେ ସୋରିଷ, ମୁଗ, ବୁଟ ଇତ୍ୟାଦି ଫସଲ କରିଥାନ୍ତି । କିନ୍ତୁ ଆବଶ୍ୟକୀୟ ବୈଜ୍ଞାନିକ ଜ୍ଞାନ କୌଶଳ ଅଭାବ ଯୋଗୁଁ ସେମାନେ ଆଶାନୁରୂପ ଅମଳ ପାଇ ନଥାନ୍ତି । ଏହି ଅସୁବିଧାକୁ ଉପଲବ୍ଧ କରି କୃଷି ବିଜ୍ଞାନ କେନ୍ଦ୍ର ରାଉରକେଲା ତରଫରୁ ବଣେଇ ବ୍ଲକ୍ ଅନ୍ତର୍ଗତ ଜାଙ୍ଗଳା ଏବଂ ରୁଗୁଡ଼ା ଗ୍ରାମରେ ସୋରିଷ, ବୁଟ ଏବଂ ମୁଗ ଫସଲର ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା । ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ଗ୍ରାମର





ଚାଷୀମାନଙ୍କୁ ବୁଟ, ମୁଗ ଏବଂ ସୋରିଷର ଉନ୍ନତ କିସମ ପ୍ରଦାନ କରାଯାଇଥିଲା ଏବଂ ଆବଶ୍ୟକୀୟ ପରିମାଣର ସାର, କୀଟନାଶକ ମଧ୍ୟ ପ୍ରଦାନ କରାଯାଇଥିଲା । ସମୟ ସମୟରେ ଚାଷର ସମ୍ବନ୍ଧୀୟ ବିଭିନ୍ନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଧ୍ୟ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଆୟୋଜନ କରାଯାଇଥିଲା । ବୈଜ୍ଞାନିକ ପ୍ରଣାଳୀରେ ଚାଷ କରି ସେମାନେ ପ୍ରାୟ ଏକ ହେକ୍ଟର



ଜମିରୁ ସୋରିଷ ୭.୮ କ୍ୟୁଣ୍ଟାଲ୍, ମୁଗ ୮.୨ କ୍ୟୁଣ୍ଟାଲ ଏବଂ ବୁଟ ୮.୫ କ୍ୟୁଣ୍ଟାଲ ଅମଳ ପାଇଥିଲେ ଯାହାକି ତାଙ୍କର ପାରମ୍ପରିକ ଚାଷ ପଦ୍ଧତି ଠାରୁ ଯଥେଷ୍ଟ ଅଧିକ ଥିଲା । ଫସଲ ଅମଳ ପୂର୍ବରୁ କ୍ଷେତ୍ରଦିବସ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଫସଲର ବିଭିନ୍ନ ବୈଷୟିକ ଦିଗ ପ୍ରତି ଆଲୋକପାତ କରିବା ସଙ୍ଗେ ସଙ୍ଗେ ଅନ୍ୟ ଗ୍ରାମର ଚାଷୀମାନଙ୍କୁ ଆଗାମୀ ଦିନରେ ଏପରି କରିବା ପାଇଁ ପରାମର୍ଶ ଦିଆଯାଇଥିଲା । କୃଷି ବିଜ୍ଞାନ କେନ୍ଦ୍ରର ଏହି କାର୍ଯ୍ୟକ୍ରମକୁ ଗ୍ରାମବାସୀମାନେ ପ୍ରଶଂସା କରିବା ସହ ଭବିଷ୍ୟତରେ ଏହି ଜ୍ଞାନ କୌଶଳରେ ଚାଷ କରିବା ପାଇଁ ମନସ୍ଥ କରିଛନ୍ତି ।

## ଧାନଚାଷ ସଂପର୍କରେ ସୂଚନା

**ଧାନ:** ତଳି ଉପାଡିବାର ଏକ ସପ୍ତାହ ପୂର୍ବରୁ ପ୍ରତି ୧୦ ଡେସିମିଲ ତଳି ଘେରାରେ ୮୦୦ଗ୍ରାମ କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ କିମ୍ବା ୧କେ.ଜି. ଫପ୍ରୋନିଲ୍ ଦାନାଦାର ଔଷଧ ପ୍ରୟୋଗ କରନ୍ତୁ ଏବଂ ୨-୩ ଦିନ ପାଣି ବାନ୍ଧି ରଖନ୍ତୁ । ଫଳରେ ମୁଖ୍ୟ କ୍ଷେତରେ କାଣ୍ଡବିନ୍ଧା ପୋକ ଆକ୍ରମଣ ହ୍ରାସ ପାଇଥାଏ ।

- ❖ ମାଟିଆ ଗୁଣ୍ଡି ପୋକ ଉପଦ୍ରୁତ ଅଞ୍ଚଳରେ ୧ମିଟର ଓସାର ପଟିରେ ଧାନ ରୁଅନ୍ତୁ ।, ଦୁଇ ପଟି ମଝିରେ ୩୦ ସେ.ମି. ବ୍ୟବଧାନ ରଖନ୍ତୁ ।
- ❖ ରାତିର ତାପମାତ୍ରା କମ୍ ସହିତ ଦିନ ଓ ରାତି ତାପମାତ୍ରା ତାରତମ୍ୟ ରହିଲେ, ଧାନ ଫସଲରେ ମହିଷା ରୋଗ ଲାଗିବାର ଆଶଙ୍କା କରାଯାଏ । ମହିଷା ରୋଗ ଲାଗିଥିଲେ ପ୍ରତି ଲିଟର ପାଣିରେ ୧ଗ୍ରାମ ହିସାବରେ ଟ୍ରାଇସାଇକ୍ଲାଜୋଲ୍ ମିଶାଇ ସିଞ୍ଚନ କରନ୍ତୁ ।
- ❖ କାଣ୍ଡବିନ୍ଧା, ପତ୍ରମୋଡା ଇତ୍ୟାଦି ପୋକ ଦେଖାଦେଲେ, ଏକର ପ୍ରତି କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ ୪୦୦ଗ୍ରାମ ହିସାବରେ ସିଞ୍ଚନ କରନ୍ତୁ ।
- ❖ ପତ୍ରପୋଡ଼ା ରୋଗର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୨୦ଗ୍ରାମ୍ ଷ୍ଟ୍ରେପ୍‌ଟୋସାଇକ୍ଲିନ୍ ସହିତ ୪୦୦ଗ୍ରାମ କପର ଅକ୍ସିକ୍ଲୋରାଇଡ୍‌କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।


### ସଂପାଦନା

**ପ୍ରକାଶକ ଓ ମୁଖ୍ୟ ସଂପାଦକ**
ଡ. ଜୟନ୍ତ କୁମାର ପତି
କାର୍ଯ୍ୟକ୍ରମ ସଂଯୋଜକ

**ସଂପାଦନା ମଣ୍ଡଳୀ**
ଶ୍ରୀଯୁକ୍ତ ସଞ୍ଜୟ କୁମାର ପ୍ରଧାନ
ଶ୍ରୀମତୀ ବିଜୟଲକ୍ଷ୍ମୀ ସାହୁ

**ସହାୟତା:**
ସୋମଦତ୍ତ ମହାନ୍ତି

**ଯୋଗାଯୋଗ:**
କୃଷିବିଜ୍ଞାନ କେନ୍ଦ୍ର, ହକିଛକ, ପାନପୋଷ
ରାଉରକେଲା- ୭୬୯୦୦୪
ଫୋନ: ୦୬୬୧-୨୬୬୪୦୫୦
E-mail: rourkelakvk@gmail.com
www.kvksundargarh2.org


This News letter is Printed, Published &Owned by Programme Co-ordinator, KVK, Sundargarh-II, Rourkela, Dist: Sundargarh, Pin: 759004,
Phone: 0661-2664050, e-mail:rourkelakvk@gmail.com, Web: www.kvksundargarh2.org, Printed at: ankitagraphics, BBSR, Cell:9437077337
**Chief Editor:** Dr. Jayant Kumar Pati




ତ୍ରୟମାସିକ କୃଷି ସମାଚାର ପତ୍ର

# ଇସ୍ପାତ କୃଷି ବାର୍ତ୍ତା

The Ispat Krushi Bartta

Krishi Vigyan Kendra, Sundargarh-II
Orissa University of Agriculture & Technology, Bhubaneswar

କୃଷି ବିଜ୍ଞାନ କେନ୍ଦ୍ର, ସୁନ୍ଦରଗଡ଼-୨
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ତୃତୀୟ ବର୍ଷ | ଜାନୁଆରୀ-ମାର୍ଚ୍ଚ ୨୦୧୬ | ଚତୁର୍ଥ ସଂଖ୍ୟା


## ସଂପାଦକୀୟ



ସୁନ୍ଦରଗଡ଼ ଜିଲ୍ଲାର ରାଉରକେଲା ଠାରେ ଦ୍ୱିତୀୟ କୃଷି ବିଜ୍ଞାନ କେନ୍ଦ୍ର ସ୍ଥାନୀୟ ଅଧିବାସୀଙ୍କ ସାମାଜିକ-ଆର୍ଥିକ ଆବଶ୍ୟକତା ଓ ସମସ୍ୟାକୁ ଅନୁଧ୍ୟାନକରି ରୋଜଗାର ଯୋଗାଇବା ନିମନ୍ତେ କୃଷକ ଜମିରେ ପରୀକ୍ଷଣ, ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନ, ପ୍ରଶିକ୍ଷଣ, ବିଭିନ୍ନ ସଂପ୍ରସାରଣଭିତ୍ତିକ କାର୍ଯ୍ୟକ୍ରମ କରାଯାଉଛି । ମୋବାଇଲ୍ ମାଧ୍ୟମରେ ଜିଲ୍ଲାର ବହୁ ଚାଷୀଙ୍କୁ ବୈଜ୍ଞାନିକତଥ୍ୟ, ବଜାର ସୁବିଧା, ପାଣିପାଗ ଉପରେ ସଚେତନ କରାଯାଉଛି । କୃଷିରେ ଯନ୍ତ୍ରର ବ୍ୟବହାରକୁ ଆଦୃତ କରିବା ତଥା ବ୍ୟବସାୟିକ କୃଷିକୁ ପ୍ରସାର କରିବାକୁ ପ୍ରଚେଷ୍ଟା ଜାରି ରହିଛି । ଜିଲ୍ଲାର ମହିଳାମାନଙ୍କ ରୋଜଗାର ବଢ଼ାଇବା ଓ କୃଷିରେ ଶ୍ରମର ଲାଘବ କରିବା ପାଇଁ ବିଭିନ୍ନ ଯନ୍ତ୍ର ପ୍ରଦର୍ଶନ କରାଯାଉଛି । ଉନ୍ନତ ପ୍ରଜାତିର କୁକୁଡ଼ା ଓ ବତକ ଚିଆଁ ପ୍ରଦାନ, ଛତୁ ପ୍ରଶିକ୍ଷଣ କେନ୍ଦ୍ର ଓ ପନିପରିବା, ଫୁଲଚାରାର ନର୍ସରୀ କରାଯାଇ ଚାଷୀମାନଙ୍କୁ ଉନ୍ନତ ମାନର ଉତ୍ପାଦ ଯୋଗାଇ ଦିଆଯାଉଛି । ଇସ୍ପାତ କୃଷି ବାର୍ତ୍ତା ଆମର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର କିୟଦଂଶ ।


ଆଶା କରୁଛି କୃଷି ବିଜ୍ଞାନ କେନ୍ଦ୍ରରୁ ପ୍ରକାଶିତ ଏହି କୃଷି ଭିତ୍ତିକ ପତ୍ରିକା ଆମ ଜିଲ୍ଲାରେ କୃଷକ, କୃଷିଜୀବି ମହିଳା ଓ ଯୁବକ-ଯୁବତୀମାନଙ୍କ ପାଇଁ ଏକ ଆଲୋକ ବର୍ତ୍ତିକା ଭାବେ ପରିଗଣିତ ହେବ ।



## ସଂପ୍ରସାରଣ ଅଧକ୍ଷଙ୍କ ବାର୍ତ୍ତା



ସୁନ୍ଦରଗଡ଼ ଜିଲ୍ଲାର ରାଉରକେଲା କୃଷି ବିଜ୍ଞାନ କେନ୍ଦ୍ର ସ୍ଥାପନ ହେବାଠାରୁ ଏପର୍ଯ୍ୟନ୍ତ ଅନେକ ପ୍ରକାରର କ୍ଷେତ୍ର ପରୀକ୍ଷଣ, କ୍ଷେତ୍ର ପ୍ରଦର୍ଶନ ତଥା କୃଷି ଓ ଆନୁସଂଗିକ କ୍ଷେତ୍ରରେ ତାଲିମ ପ୍ରଦାନ ଦ୍ୱାରା ଜିଲ୍ଲାର ଅଗଣିତ କୃଷକ, କୃଷିଜୀବୀ ମହିଳା ଏବଂ ବେକାର ଯୁବକ ଓ ଯୁବତୀମାନେ ଉପକୃତ ହୋଇ ଆସୁଛନ୍ତି । ନୂତନ ଜ୍ଞାନକୌଶଳର ପ୍ରୟୋଗ ଓ କୃଷି ବୈଜ୍ଞାନିକମାନଙ୍କ ସୁପରାମର୍ଶ ଫଳରେ ଏହି ଜିଲ୍ଲାର କୃଷି ଉତ୍ପାଦନ ଯଥା: ଧାନ, ଡାଲିଜାତୀୟ ଫସଲ, ତୈଳବୀଜ, ପନିପରିବା, ଫଳଚାଷ, ଗୋପାଳନ, କୁକୁଡ଼ା ପାଳନ ଓ ମତ୍ସ୍ୟଚାଷ ଇତ୍ୟାଦିରେ ରାଜ୍ୟରେ ଅଗ୍ରଣୀ ଭୂମିକା ଗ୍ରହଣ କରିଅଛି । ଏତଦ୍‌ବ୍ୟତୀତ ମହିଳାମାନେ ଛତୁଚାଷ କରିବାଦ୍ୱାରା, ଘର ଅଗଣାରେ କୁକୁଡ଼ା ପାଳନ ଆଦି କରିବା ଫଳରେ ସେମାନଙ୍କର ଆର୍ଥିକ ଉନ୍ନତିରେ ବିଶେଷ ସହାୟକ ହୋଇଅଛି । କେନ୍ଦ୍ରଦ୍ୱାରା କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଆମ ଚାଷୀଭାଇମାନଙ୍କୁ ନୂତନ ତଥ୍ୟ ଯୋଗାଇବାରେ ସହାୟକ ହେଉଛି । ନୂତନ ଜ୍ଞାନକୌଶଳର ସଂପ୍ରସାରଣ ପାଇଁ କୃଷି ବିଜ୍ଞାନକେନ୍ଦ୍ର ଦ୍ୱାରା ଏକ ତ୍ରୈମାସିକ ପତ୍ରିକା 'ଇସ୍ପାତ କୃଷି ବାର୍ତ୍ତା' ପ୍ରକାଶ ପାଉଅଛି । ବର୍ତ୍ତମାନ ତୃତୀୟ ବର୍ଷର ତୃତୀୟ ସଂଖ୍ୟା ପ୍ରକାଶ ପାଉଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ । ଏହା ଆମର କୃଷକ ଓ କୃଷିଜୀବୀ ମହିଳା ତଥା ସୁନ୍ଦରଗଡ଼ ଜିଲ୍ଲାର କୃଷି ଏବଂ ଆନୁସଂଗିକ କ୍ଷେତ୍ରରେ ନିୟୋଜିତ ସମସ୍ତ କ୍ଷେତ୍ର କର୍ମଚାରୀ ତଥା କୃଷିଜୀବୀମାନଙ୍କୁ ନୂତନ ଦିଗ୍‌ଦର୍ଶନ ଦେବାରେ ସହାୟକ ହେବ ବୋଲି ଆଶା ଓ ବିଶ୍ୱାସ ।



## କୁଳପତିଙ୍କ ବାର୍ତ୍ତା



କୃଷି ବିଜ୍ଞାନ କେନ୍ଦ୍ର, ସୁନ୍ଦରଗଡ଼, ରାଉରକେଲା ଇସ୍ପାତ କୃଷି ବାର୍ତ୍ତା ପ୍ରକାଶ କରୁଥିବାର ଜାଣି ମୁଁ ବହୁତ ଆନନ୍ଦିତ । ସୁନ୍ଦରଗଡ଼ ଓଡ଼ିଶାର ଏକ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ଓ ଏହାର ଜନସାଧାରଣଙ୍କର ମୁଖ୍ୟ ଜୀବିକା କୃଷି, ପଶୁପାଳନ ଓ ଜଙ୍ଗଲ ସମ୍ପଦ ଉପରେ ପର୍ଯ୍ୟବେସିତ । କିନ୍ତୁ ବୈଜ୍ଞାନିକ ଜ୍ଞାନକୌଶଳ ପ୍ରୟୋଗର ଅଭାବ ଯୋଗୁଁ ଏହି ଜିଲ୍ଲାର ଗ୍ରାମୀଣ ଅର୍ଥନୀତିର ଅବସ୍ଥା ଆଶାନୁରୂପକ ନୁହେଁ । ଜିଲ୍ଲାର କୃଷକ ସଂପ୍ରଦାୟର ସାମଗ୍ରିକ ଉତ୍‌ଥାନ ପାଇଁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଏହି ଜିଲ୍ଲାର ଦ୍ୱିତୀୟ କୃଷି ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ଏହା ଜଳବାୟୁ ମଣ୍ଡଳ ଭିତ୍ତିରେ କୃଷକ ଜମିରେ ବିଭିନ୍ନ କୃଷିଭିତ୍ତିକ ନୂତନ ଜ୍ଞାନକୌଶଳକୁ ପରୀକ୍ଷଣ କରି ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନ ଓ ପ୍ରଶିକ୍ଷଣ ମାଧ୍ୟମରେ ପ୍ରସାରଣ କରିବାର କାର୍ଯ୍ୟକ୍ରମ ଗ୍ରହଣ କରିଆସୁଅଛି । ଜିଲ୍ଲା ଜନସଂଖ୍ୟାର ପ୍ରମୁଖ ଅଂଶ, ଆଦିବାସୀ ସଂପ୍ରଦାୟକୁ ବୈଜ୍ଞାନିକ ଜ୍ଞାନକୌଶଳ ସହାୟତା ପ୍ରଦାନକରି ସେମାନଙ୍କର ସର୍ବାଙ୍ଗୀନ ଉନ୍ନତି କରାଇବାରେ ଏହି କେନ୍ଦ୍ର ପ୍ରଚେଷ୍ଟାରତ । କୃଷି ବିଜ୍ଞାନ କେନ୍ଦ୍ର, ରାଉରକେଲାର କିଛି ପ୍ରମୁଖ କାର୍ଯ୍ୟାବଳୀକୁ ନେଇ ଏହି ତ୍ରୟମାସିକ ପତ୍ରିକା 'ଇସ୍ପାତ କୃଷି ବାର୍ତ୍ତା' ପ୍ରକାଶ ପାଇବାକୁ ଯାଉଛି । ଏହା ଜିଲ୍ଲାର ସମସ୍ତ କୃଷିଜୀବି ମହିଳା, ପୁରୁଷ ଓ ଯୁବବନ୍ଧୁମାନଙ୍କୁ ପ୍ରେରଣା ଯୋଗାଇବା ସହିତ କୃଷିକ୍ଷେତରେ ସହାୟକ ହେବ । ମୁଁ ଏହି ପତ୍ରିକାର ଉଜ୍ଜଳ ଭବିଷ୍ୟତ କାମନା କରୁଛି ।



## ପ୍ରାଣୀ ଚିକିତ୍ସା ଶିବିର

କୃଷି ବିଜ୍ଞାନ କେନ୍ଦ୍ର, ରାଉରକେଲା ତରଫରୁ ଗୁରୁଣ୍ଡିଆ ବ୍ଲକ୍, ସାଂସଦ ଆଦର୍ଶ ଗ୍ରାମ ନୁନିଆପାଲୀଠାରେ ପ୍ରାଣୀ ଚିକିତ୍ସା ଶିବିରର ଆୟୋଜନ କରାଯାଇଥିଲା । ଗୁରୁଣ୍ଡିଆ ବ୍ଲକର ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର କଳ୍ପତରୁ ସ୍ୱାଇଁ ଏବଂ ତାଙ୍କ ସହଯୋଗୀ କର୍ମଚାରୀମାନଙ୍କ ସହାୟତାରେ ଅନ୍ୟୁନ ୫୦୦ ଗୃହପାଳିତ ପଶୁ ଯଥା:-ଗାଈ, ମଇଁଷି, ଛେଳି, ମେଣ୍ଢା, କୁକୁଡ଼ା ଇତ୍ୟାଦି ଚିକିତ୍ସିତ ହୋଇଥିଲେ । ଆଦିବାସୀ ଅଧୁଷିତ ନୁନିଆପାଲୀ ଗ୍ରାମରେ ଗୋପାଳନ, ଛେଳି ପାଳନ, କୁକୁଡ଼ା ପାଳନ ଇତ୍ୟାଦି ଜୀବିକାର୍ଜନର ଏକ ମୁଖ୍ୟ ଅଙ୍ଗ ହୋଇଥିବାରୁ ସେଠାକାର



ଗ୍ରାମବାସୀମାନେ ଏହି କାର୍ଯ୍ୟକ୍ରମରେ ବିଶେଷ ଉତ୍ସାହିତ ହୋଇଥିଲେ । କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ସେମାନଙ୍କୁ ପଶୁମାନଙ୍କ ପାଇଁ ମାଗଣାରେ ଔଷଧ ବିତରଣ କରାଯାଇଥିଲା । ମାଂସ, ଅଣ୍ଡା ଓ ଦୁଗ୍ଧର ବିଶେଷ ବଜାର ଚାହିଦା ଉପଲବ୍ଧି ହେଉଥିବାରୁ ଏହି କାର୍ଯ୍ୟକ୍ରମ ଦ୍ୱାରା ସେମାନଙ୍କର ଉତ୍ପାଦନ ବଢ଼ାଇବା ପାଇଁ ବିଶେଷ ପଦକ୍ଷେପ ରୂପେ ପରିଗଣିତ ହୋଇଛି ।

## ସ୍ୱୟଂ ସହାୟକ ଦଳ ଗୋଷ୍ଠୀ ସମ୍ମିଳନୀ

କୃଷି ବିଜ୍ଞାନ କେନ୍ଦ୍ର ରାଉରକେଲା ତରଫରୁ ବଣାଇ ବ୍ଲକ୍‌ର ରୁଗୁଡ଼ା ଗ୍ରାମରେ ସ୍ୱୟଂ ସହାୟକ ଗୋଷ୍ଠୀ ସମ୍ମିଳନୀର ଆୟୋଜନ କରାଯାଇଥିଲା । ଏଥିରେ ପାଖାପାଖି ଗ୍ରାମର ଅନ୍ୟୁନ ୧୨ଟି ସ୍ୱୟଂ ସହାୟକ ଦଳର ୧୦୦ଜଣ ମହିଳା ଯୋଗଦାନ କରିଥିଲେ । ବଣାଇ ବ୍ଲକର କୃଷି ଅଧିକାରୀ ଏହି ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ମହିଳାମାନଙ୍କୁ କୃଷି କାର୍ଯ୍ୟରେ ଅଧିକରୁ ଅଧିକ ଯୋଗଦାନ କରି ନିଜର ଉତ୍ପାଦନ ବୃଦ୍ଧି କରିବା ପାଇଁ ଉତ୍ସାହିତ କରିଥିଲେ । କୃଷି ବିଜ୍ଞାନ କେନ୍ଦ୍ର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କୃଷି କାର୍ଯ୍ୟରେ ମହିଳାମାନଙ୍କର ଜ୍ଞାନ କୌଶଳ ଓ ଦକ୍ଷତା ବୃଦ୍ଧି ପାଇଁ କୃଷି ବିଜ୍ଞାନ କେନ୍ଦ୍ର ଭୂମିକା ବିଷୟରେ ଅବଗତ କରାଇଥିଲେ । ସ୍ଥାନୀୟ ଲୋକ ପ୍ରତିନିଧି ଏବଂ ଅନ୍ୟାନ୍ୟ ସମ୍ମାନିତ ବ୍ୟକ୍ତିମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ମହିଳାମାନଙ୍କୁ ଉଦ୍‌ବୋଧନ ଦେଇଥିଲେ ଏବଂ କୃଷିଭିତ୍ତିକ କାର୍ଯ୍ୟକ୍ରମ ହାତକୁ ନେଇ ମହିଳାମାନଙ୍କୁ ସ୍ୱାବଲମ୍ବୀ ହେବା ପାଇଁ ଉତ୍ସାହିତ କରିଥିଲେ ।



## ବେବିକର୍ଣ୍ଣର ସଫଳ କ୍ଷେତ୍ର ପରୀକ୍ଷଣ



ଆଜିକାଲି ବିଭିନ୍ନ ରେଷ୍ଟୁରାଣ୍ଟ ଏବଂ ଫାଷ୍ଟଫୁଡ୍ ଦୋକାନରେ ବେବିକର୍ଣ୍ଣର ବିଶେଷ ଚାହିଦା ବଢୁଥିବାରୁ ଗ୍ରାମୀଣ ମହିଳାମାନଙ୍କୁ ମକା ବଦଳରେ ବେବିକର୍ଣ୍ଣ ଚାଷ କରି ନିଜ ରୋଜଗାରକୁ ବୃଦ୍ଧି କରିବା ପାଇଁ ପ୍ରୋତ୍ସାହନ ଦିଆଯାଇଥିଲା । ମକାଚାଷ ଏବଂ ବେବିକର୍ଣ୍ଣ ଚାଷରେ ବିଶେଷ କିଛି ପାର୍ଥକ୍ୟ ନ ଥିଲେ ସୁଦ୍ଧା ମକାଚାଷ କରି ସେମାନେ ହେକ୍ଟର ପ୍ରତି ୩୫ କୁଇଣ୍ଟାଲ ଅମଳ ପାଉଥିବା ବେଳେ ବେବିକର୍ଣ୍ଣରୁ ହେକ୍ଟର ପ୍ରତି ୫୨କ୍ୟୁଣ୍ଟାଲ ଅମଳ ପାଇଥିଲେ । ମକା ଚାଷରେ ପ୍ରତି ୩୨୦୦୦-୩୫୦୦୦ ହଜାର ଟଙ୍କା ଖର୍ଚ୍ଚ କରି ୩୦,୦୦୦ ନେଟ୍ ଲାଭ ପାଇଥିଲେ । କିନ୍ତୁ ବେବିକର୍ଣ୍ଣ କିଲୋପ୍ରତି ୭୦ଟଙ୍କା ବିକ୍ରି ମୂଲ୍ୟରେ ହେକ୍ଟର ପିଛା ଖର୍ଚ୍ଚ ଟ୫୦,୦୦୦/- ହେଲାବେଳେ ନେଟ୍ ଲାଭ ଟ ୧,୫୦,୦୦୦/- ହୋଇଥିଲା । ରାଉରକେଲା ଶିଳ୍ପନଗରୀରେ ବେବିକର୍ଣ୍ଣ ବଜାର ଚାହିଦା ଥିବାରୁ ଆଦିବାସୀ ମହିଳାମାନେ ବେବିକର୍ଣ୍ଣ ଚାଷକରି ବିଶେଷ ଉତ୍ସାହିତ ହୋଇଥିଲେ ।

## କିସାନ ମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ




କୃଷି ବିଜ୍ଞାନ କେନ୍ଦ୍ର, ରାଉରକେଲା ତରଫରୁ ବଣାଇ ବ୍ଲକ୍‌ର ଜାଙ୍ଗଲା ଗ୍ରାମରେ କିସାନ ମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅନ୍ୟୁନ ୨୦୦ ଚାଷୀ ଓ କୃଷି ମହିଳା ଯୋଗ ଦେଇଥିଲେ । ସ୍ଥାନୀୟ କୃଷି ଅଧିକାରୀ, ପ୍ରାଣୀ ଚିକିତ୍ସା ଅଧିକାରୀ, ସରପଞ୍ଚ ଓ ଅନ୍ୟାନ୍ୟ ସମ୍ମାନିତ ବ୍ୟକ୍ତିମାନେ ଏଥିରେ ଯୋଗଦେଇ କାର୍ଯ୍ୟକ୍ରମଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ । ଚାଷୀମାନଙ୍କର ବିଭିନ୍ନ ଉତ୍ପାଦନ ସାମଗ୍ରୀ ଯଥା ବେବିକର୍‌ନ, କଦଳୀ ଚିନାବାଦାମ ଇତ୍ୟାଦି ସହିତ ଉନ୍ନତମାନଙ୍କ କୃଷି ପଦ୍ଧତି ଗୁଡ଼ିକ ପ୍ରଦର୍ଶନୀ ମାଧ୍ୟମରେ ଲୋକମାନଙ୍କୁ ଅବଗତ କରାଯାଇଥିଲେ । କୃଷି ବିଜ୍ଞାନ କେନ୍ଦ୍ରର କାର୍ଯ୍ୟକ୍ରମ ସହିତ ବିଭିନ୍ନ ବୈଜ୍ଞାନିକ ଜ୍ଞାନ କୌଶଳର ଆଦାନ ପ୍ରଦାନ ବୈଜ୍ଞାନିକ ଓ କୃଷକ ସମାଜ ମଧ୍ୟରେ ହେବା ଦ୍ୱାରା ଏଥିରେ ଚାଷୀମାନେ ବିଶେଷ ଲାଭାନ୍ୱିତ ହୋଇଥିଲେ ।

## ଆଦିବାସୀ ଉପଯୋଜନା ଅନ୍ତର୍ଗତ ପାକଶାଳା ବଗିଚାର ପ୍ରଦର୍ଶନ



ଆଦିବାସୀ ପରିବାରଗୁଡ଼ିକର ଆର୍ଥିକ ଅନାଟନ ଏବଂ ସଚେତନତା ଅଭାବରୁ ସୁଷମ ଖାଦ୍ୟ ଅଭାବ ଏକ ସାଧାରଣ ସମସ୍ୟା । ପନିପରିବାର ଅଧିକ ମୂଲ୍ୟ ଯୋଗୁଁ ଆଦିବାସୀ ପରିବାରରେ ବିଶେଷ କରି ମହିଳାମାନେ ଅନେକ ଖାଦ୍ୟସାର ଅଭାବ ଜନିତ ସ୍ୱାସ୍ଥ୍ୟ ସମସ୍ୟାର ଶିକାର ହୋଇଥାନ୍ତି । ଏହି ଉପଲକ୍ଷେ କୃଷି ବିଜ୍ଞାନ କେନ୍ଦ୍ର ରାଉରକେଲା ତରଫରୁ ଗୁରୁଣ୍ଡିଆ ବ୍ଲକ୍‌ର ଆଦିବାସୀ ମହିଳାମାନଙ୍କୁ ପାକଶାଳା ବଗିଚା କରିବା ନିମିତ୍ତପ୍ରଶିକ୍ଷଣ ଦିଆଯାଇଥିଲା । ଉନ୍ନତ ପ୍ରଣାଳୀରେ ପାକଶାଳା ବଗିଚା କରିବା ପାଇଁ ସେମାନଙ୍କୁ ଉନ୍ନତମାନର ମଞ୍ଜି ଓ ଚାର । ଅଦିବାସୀ ଉପଯୋଜନା ମଧ୍ୟମରେ ଯୋଗାଇଦିଆଯାଇଥିଲା । ୨୦ମି. × ୫ମି. ସ୍ଥାନଯୁକ୍ତ ଆୟତାକାର କ୍ଷେତ୍ରରେ ସେମାନେ ପଟାଳି କରି ପର୍ଯ୍ୟାୟ କ୍ରମେ ଭେଣ୍ଡି, ବାଇଗଣ, ଲଙ୍କା, ଟମାଟୋ, ଲାଉ, ପାଳଙ୍ଗ ଇତ୍ୟାଦି ଚାଷ କରି ନିଜ ପରିବାରର ଆବଶ୍ୟକତା ପୂରଣ କରିବା ସହିତ ଅବଶିଷ୍ଟ ଉତ୍ପାଦକୁ ବିକ୍ରି କରି ଟ. ୧୦୦୦-୧୨୦୦ ଲାଭ ମଧ୍ୟ ପାଇଥିଲେ ଓ ଏହା ସେମାନଙ୍କ ମଧ୍ୟରେ ବିଶେଷ ଆଗ୍ରହ ଓ ଉତ୍ସାହ ସୃଷ୍ଟି କରିଥିଲା ।

## ଟମାଟୋ କିସମ ସ୍ୱର୍ଣ୍ଣ ସମ୍ପଦର ଆଗୁଆ ଧାଡ଼ି ପ୍ରଦର୍ଶନ



କୃଷି ବିଜ୍ଞାନ କେନ୍ଦ୍ର ରାଉରକେଲା ତରଫରୁ ଆଗୁଆ ଧାଡ଼ି ପ୍ରଦର୍ଶନ କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ କାର୍ଯ୍ୟକ୍ରମ ହାତକୁ ନିଆ ଯାଇଥିଲା । ଏଥିପାଇଁ ରାଞ୍ଚିସ୍ଥିତ ଉଦ୍ୟାନ ଗବେଷଣା କେନ୍ଦ୍ରରୁ ଏକ ହାଇବ୍ରିଡ୍ କିସମ ଟମାଟୋ 'ସ୍ୱର୍ଣ୍ଣ ସମ୍ପଦ'କୁ ଗୁଡୁଗୁଡ଼ା ଏବଂ ଚିକିଟିଆ ଗ୍ରାମର ଆଗ୍ରହୀ ଚାଷୀମାନଙ୍କ ମଧ୍ୟରେ ବଣ୍ଟା ଯାଇଥିଲା । ଟମାଟୋ ଚାଷ ନିମିତ୍ତ ସମସ୍ତ ଆଧୁନିକ ଚାଷ କୌଶଳ ସେମାନଙ୍କୁ ସମୟ ସମୟରେ ତାଲିମ୍ ଦିଆଯାଇଥିଲା । ଏହି ସ୍ୱର୍ଣ୍ଣ ସମ୍ପଦ କିସମ ଟମାଟୋ ଚାଷକରି ଚାଷୀମାନେ ହେକ୍ଟର ପ୍ରତି ପ୍ରାୟ ୪୬୪ କ୍ୟୁଣ୍ଟାଲ ଅମଳ ପାଇଥିଲେ, ଯାହାକି ସେମାନଙ୍କ ପାରମ୍ପରିକ କିସମ ଟମାଟୋ ଚାଷ ଅପେକ୍ଷା ୩୩ ପ୍ରତିଶତ ଅଧିକ ଥିଲା । ସ୍ୱର୍ଣ୍ଣ ସମ୍ପଦର ଏହି ସଫଳତାକୁ ଦେଖି ଗ୍ରାମର ଅନ୍ୟ ଚାଷୀମାନେ ଏହାକୁ ଭବିଷ୍ୟତରେ ଚାଷ କରିବା ପାଇଁ ମନସ୍ଥ କରିଛନ୍ତି ।

## ମହୁଲ ମଞ୍ଜି ଚୋପାଛଡ଼ା ଯନ୍ତ୍ର

କୃଷି ବିଜ୍ଞାନ କେନ୍ଦ୍ର ରାଉରକେଲା ତରଫରୁ ବିଶ୍ରା ବ୍ଲକର ଖଟନକୁଦର ଗ୍ରାମରେ ମହୁଲମଞ୍ଜି ଚୋପାଛଡ଼ା ଯନ୍ତ୍ରର ସଫଳ କ୍ଷେତ୍ର ପରୀକ୍ଷଣ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା । ପାରମ୍ପରିକ ରୀତିରେ ମହୁଲ ମଞ୍ଜିକୁ ପିଟି ପିଟି ତା'ର ଚୋପା



ଛଡ଼ାଯାଇଥାଏ ଏବଂ ଏହାଦ୍ୱାରା ବିଶେଷ କରି ମହିଳାମାନେ ଏହି କାର୍ଯ୍ୟରେ ନିୟୋଜିତ ହେଉଥିବାରୁ ସେମାନଙ୍କୁ ଅଧିକ ପରିଶ୍ରମ ପଡ଼ିବା ସହିତ ବେକ ଏବଂ ହାତରେ ଯନ୍ତ୍ରଣା ଅନୁଭବ କରିଥାନ୍ତି । କିନ୍ତୁ ଏହି ଉନ୍ନତ ପ୍ରଣାଳୀରେ ଯନ୍ତ୍ର ବ୍ୟବହାର କରିବା ଦ୍ୱାରା ସେମାନଙ୍କ ଶ୍ରମଭାର ବିଶେଷ ଲାଘବ ହେବା ସହିତ କାମ କମ୍ ସମୟରେ ମଧ୍ୟ ହୋଇପାରିବ । ଏହି ଯନ୍ତ୍ରରେ ସେମାନେ ଘଣ୍ଟାକୁ ଅନ୍ୟୁନ ୯ରୁ ୧୦କିଲୋଗ୍ରାମ ମଞ୍ଜିରୁ ଚୋପା ଛଡ଼ାଇ ପାରୁଛନ୍ତି । କିନ୍ତୁ ହାତରେ ପିଟି ପିଟି ଚୋପା ଛଡ଼ାଇବା ବେଳେ ସେମାନେ ଘଣ୍ଟାକୁ ୪-୫କି.ଗ୍ରା. ମଞ୍ଜିର ଚୋପା ଛଡ଼ାଇ ପାରୁଥିଲେ । ତେଣୁ ଆଦିବାସୀ ମହିଳାମାନଙ୍କ ପାଇଁ ଏହି ଯନ୍ତ୍ରଟି ବିଶେଷ ଉପଯୋଗୀ ସିଦ୍ଧ ହୋଇପାରିଛି ।

## ଲଙ୍କା ଫସଲରେ ସମନ୍ୱିତ ଖାଦ୍ୟ-ସାର ପ୍ରୟୋଗର କ୍ଷେତ୍ର ପରୀକ୍ଷଣ

ସାଧାରଣତଃ ସୁନ୍ଦରଗଡ଼ ଆଦିବାସୀ ଅଞ୍ଚଳରେ ଲଙ୍କା ଚାଷର ଚାହିଦା ଏବଂ ବହୁଳତା ଅଧିକ ଥିବା ସତ୍ତ୍ୱେ ଚାଷୀମାନେ ଉପଯୁକ୍ତ ବୈଜ୍ଞାନିକ ଜ୍ଞାନକୌଶଳର ଅଭାବ ଯୋଗୁ ଆଶାନୁରୂପକ ଅମଳ ପାଇବାରୁ ବଞ୍ଚିତ ହୋଇଥାନ୍ତି । ଏହି ଅସୁବିଧାକୁ ଉପଲବ୍ଧି କରି କୃଷି ବିଜ୍ଞାନ କେନ୍ଦ୍ର, ରାଉରକେଲା ତରଫରୁ ଚାଷୀମାନଙ୍କୁ ଲଙ୍କା ଫସଲରେ ସମନ୍ୱିତ ଖାଦ୍ୟ ସାର ପ୍ରୟୋଗ ପାଇଁ ଜୈବିକ ସାର ଆଜୋଟୋବ୍ୟାକ୍ଟର ଏବଂ ରାସାୟନିକ ସାର ହିସାବରେ ୟୁରିଆ, ଡି.ଏ.ପି. ଏବଂ ପଟାସ୍ ଆଦି ପ୍ରଦାନ କରାଯାଇଥିଲା ।



ସାର ପ୍ରୟୋଗର ମାତ୍ରା, ପ୍ରୟୋଗ ବିଧି, ସାର ପ୍ରୟୋଗ ସମୟ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ସୂଚନା ସମୟ ସମୟରେ ପ୍ରଦାନ କରାଯାଇଥିଲା । ଏହି ପଦ୍ଧତିକୁ ଅବଲମ୍ବନ କରି ସେମାନେ ପ୍ରାୟ ୨୦ଡେସିମିଲି ଜମିରୁ ୯ କ୍ୱିଣ୍ଟାଲ୍ ଫସଲ ଅମଳ କରି ପାରିଥିଲେ । ଯାହାକି ତାଙ୍କର ପାରମ୍ପରିକ ପଦ୍ଧତି ଅପେକ୍ଷା ୧୫ ପ୍ରତିଶତ ଅଧିକ ଥିଲା । ଆଗାମୀ ଦିନରେ ଚାଷୀମାନେ ସମନ୍ୱିତ ଖାଦ୍ୟ ସାର ପ୍ରୟୋଗକୁ ଆପଣେଇବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି ।